

# ସତ୍ୟବାକ୍ୟ

# THE WORD OF TRUTH

**SEP- OCT 2020**

An Oriya Bimonthly Bulletin published by the

**CHURCH OF CHRIST**

# THE VOICE OF TRUTH

Edited and Published By

***Joshua & Kabita Gootam***

## CHURCH OF CHRIST

P.O. BOX - 80, KAKINADA, A.P 533 001

Ph: 0884-2363722

**Vol - 26. SEP&OCT 2020. No-5**

### PRAYER OF JESUS

**INTRODUCTION** Jesus The son of God, was constantly in touch with our heavenly father:

1. He was baptized and praying, the heaven was opened and holy ghost descended in a bodily shape (Luke 3:21).

- He fasted for 40 days in the wilderness praying for his ministry ahead.
- "And in the morning raising up a great while before day, he went out, and departed into a solitary place, and there he prayed " (Mark 1:35).
- "And when he had sent the multitude away, he went up into a mountain a part to pray, and when the evening was come, he was alone" (Mathew 14:23).
- Before choosing Apostles "and it came to pass, those days, that he went out into a mountain to pray, and continued all night in prayer to God and when it was day". (Luke 6:12,13).
- Jesus prayed before distributing food to 5000 men and women and chidren (Maths 14:19).
- Before installing Lord supper(Mathew 26:26-27; Luke 22:40).
- Before his tribulation began, we prayed in the garden of Gathesemene (Mathew 26:39; Mark 14:36; Luke 22:42).
- John 17 records the prayer of Jesus.

"... Men always to Pray, and not to faint" (Luke 18:1).

**- Kabita Gootam**

# ସତ୍ୟବାଣୀ
# VOICE OF TRUTH
VOL - XXVI KAKINADA SEP-OCT-2020

## ଜୈତୁନ ପର୍ବତ ଉପରେ
## (Upon the MT of Olives)

"ଅନନ୍ତର ଦାଉଦ ଜୈତୁନ ପର୍ବତର ଉଠାଣି ଦେଇ ଗଲେ ( ୨ ଶାମୁୟେଲ ୧୫:୩୦) । କିନ୍ତୁ ଯୀଶୁ ଜୀତ ପର୍ବତକୁ ଗଲେ ।" (ଯୋହନ ୮:୧) । ପବିତ୍ର ଧର୍ମଶାସ୍ତ୍ରରେ ଅନେକ ପର୍ବତ ବିଷୟରେ ଲିଖିତ ହୋଇଅଛି । ଉଦାହରଣ ସ୍ୱରୂପ – ଆରାରତ, ଗିରିଶିମ୍ ପର୍ବତ, ସୀନୟ ପର୍ବତ ପ୍ରଭୃତି । ପ୍ରତ୍ୟେକ ପର୍ବତ ଏକ ଘଟଣାର ପ୍ରତୀକ । ଜୈତୁନ କିଅବା ଜୀତ ପର୍ବତ ସେମାନଙ୍କ ମଧ୍ୟରେ ଅନ୍ୟତମ । ଏହି ପର୍ବତ ପୁରାତନ ଓ ନୂତନ ନିୟମ ଉଭୟରେ ଉଲ୍ଲେଖିତ କରାଯାଇଅଛି । ଏହା ଯିରୁଶାଲମର ପୂର୍ବଦିଗରେ ଉପସ୍ଥିତ । ଏହାର ଉଚ୍ଚତା ପ୍ରାୟ ୨.୬୮୪ ଫୁଟ । ଆମ୍ଭେମାନେ (୧) ଦାଉଦଙ୍କ ଜୀତ ପର୍ବତ ଆରୋହଣ ଓ ଖ୍ରୀଷ୍ଟଙ୍କ ପର୍ବତ ଆରୋହଣ (୨) ପର୍ବତ ଉପରେ ସେମାନଙ୍କ କାର୍ଯ୍ୟ (୩) ଏହି ଘଟଣା ଦ୍ୱୟରୁ ଆମ୍ଭମାନଙ୍କୁ ଦତ୍ତ ଶିକ୍ଷା ।

ରାଜା ଦାଉଦ ଅକାରଣରେ ଜୀତ ପର୍ବତ ଆରୋହଣ କରି ନ ଥିଲେ । ସେ ଉରିୟଙ୍କ ଭାର୍ଯ୍ୟା ବାତ୍‌ଶେବାଙ୍କୁ ମୋହିତ କରିବା ସମୟରୁ ତାହାଙ୍କ ଦୁଃସ୍ଥିତି ଆରମ୍ଭ ହୋଇଥିଲା । ୨ ଶାମୁୟେଲ ୧୧ ଅଧ୍ୟାୟରୁ ଏହି ବିଷୟ ଆମ୍ଭେମାନେ ପଢ଼ିପାରୁ । ହିତ୍ତୀୟ ଉରିୟ ଭାର୍ଯ୍ୟା ଗର୍ଭବତୀ ହୋଇ ଦାଉଦଙ୍କ ନିକଟକୁ ସମ୍ବାଦ ପଠାଇଲା । ଯିହୂଦୀୟମାନଙ୍କ ମୋଶାଙ୍କ ବ୍ୟବସ୍ଥାରେ ସେ ଓ ଦାଉଦ ମୃତ୍ୟୁଦଣ୍ଡ ଯୋଗ୍ୟ । "ଆଉ, ଯେ କେହି ପରର ଭାର୍ଯ୍ୟା ସହିତ ବ୍ୟଭିଚାର କରେ, ସେ ଆପଣା ପ୍ରତିବାସୀର ଭାର୍ଯ୍ୟା ସହିତ ବ୍ୟଭିଚାର କରେ, ସେହି ବ୍ୟଭିଚାରୀ ଓ ବ୍ୟଭିଚାରିଣୀ ଦୁହେଁ ନିତାନ୍ତ ହତ ହେବେ ।" (ଲେବୀ ୨୦:୧୦)

ଦାଉଦ ସେ ଦୋଷୀ ବୋଲି ଜ୍ଞାତ ଥିଲେ । ସେ ବ୍ୟଭିଚାର, ମିଥ୍ୟା ଓ ନରହତ୍ୟାରେ ସେ ଦୋଷୀ ଥିଲେ । ଭକ୍ତ ଯାକୁବ କହନ୍ତି,''କେହି ପରୀକ୍ଷିତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ହେଉଅଛି ବୋଲି ନ କହୁ, କାରଣ ଈଶ୍ୱର ମନ୍ଦରେ ପରୀକ୍ଷିତ ହୋଇ ପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ହୋଇ ପାପ ପ୍ରସବ କରେ, ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ ।'' (ଯାକୁବ ୧୩:୧୫)

ରାଜା ଦାଉଦଙ୍କ ପାପ ଦ୍ୱାରା ସେ ସଦାପ୍ରଭୁଙ୍କ ଦ୍ୱାରା ଅଭିଶପ୍ତ ହେଲେ । ନାଥନ ଭବିଷ୍ୟଦବକ୍ତା ତାଙ୍କୁ ଆସି କହିଥିଲେ :- (୧) ''ତୁମ୍ଭ ଗୃହରୁ ଖଡ୍‌ଗ କେବେ ଯିବ ନାହିଁ (୨ ଶାମୁୟେଲ ୧୨:୧୦) (୨) ''.....ଆମ୍ଭେ ତୁମ୍ଭ ନିଜ ବଂଶରୁ ଅମଙ୍ଗଳ ଉତ୍ପନ୍ନ କରିବା..... ୧୧୯ (୩) ''......ଆମ୍ଭେ ତୁମ୍ଭ ଭାର୍ଯ୍ୟାମାନଙ୍କୁ ତୁମ୍ଭ ସମ୍ମୁଖରେ ନେଇ ତୁମ୍ଭ ଆତ୍ମୀୟକୁ ଦେବା; ତହିଁରେ ସେ ଏହି ସୂର୍ଯ୍ୟ ସମ୍ମୁଖରେ ତୁମ୍ଭ ଭାର୍ଯ୍ୟାଗଣ ସହିତ ଶୟନ କରିବେ ।'' (୨ ଶାମୁୟେଲ ୧୨:୧୦-୧୧)

ସଦାପ୍ରଭୁଙ୍କ ସମସ୍ତ ଅଭିଶାପ ସଫଳ ହେଲା । ଦାଉଦଙ୍କ ପୁତ୍ର ଆମ୍ନୋନ, ଦାଉଦଙ୍କ କନ୍ୟା ତାମରକୁ ବଳତ୍କାର କରି ତାହା ସହିତ ଶୟନ କଲା । (୨ ଶାମୁୟେଲ ୧୩:୧୪) । ତାହାଙ୍କ ଅନ୍ୟ ଏକ ପୁତ୍ର ଅବଶାଲମ ଅମ୍ନୋନର ହତ୍ୟା କଲା । (୨ୟ ଶାମୁୟେଲ ୧୩:୨୮) । ହତ୍ୟା କରିବା ପରେ ସେ ଯିରୁଶାଲମରୁ ପଳାୟନ କଲା । କିଛି ବର୍ଷ ପରେ ପୁନଃର୍ବାର ଯିରୁଶାଲମକୁ ଫେରି ଆସିଲା ! (୨ ଶାମୁୟେଲ ୧୪:୩୩) । ସେ ଫେରି ଆସି, ''....ଆପଣା ନିମନ୍ତେ ଏକ ରଥ ଓ ଅଶ୍ୱମାନ ଓ ଆପଣା ଆଗେ ଆଗେ ଦୌଡ଼ିବା ନିମନ୍ତେ ପଚାଶ ଜଣ ରଖିଲା । ପୁଣି ଅବଶାଲମ ପ୍ରଭାତରେ ଉଠି ରାଜଦ୍ୱାରର ପଥ ପାର୍ଶ୍ୱରେ ଠିଆ ହୁଏ, ଆଉ ଏପରି କରେ ଯେ, କାହାରି ବିଚାରାର୍ଥେ ରାଜାଙ୍କ ନିକଟକୁ ଆସିବା ଯୋଗ୍ୟ କୌଣସି ବିବାଦ ଥିଲେ, ଅବଶାଲାମ୍ ତାହାକୁ ଡାକି କହେ, ତୁମ୍ଭେ କେଉଁ ନଗରର ଲୋକ...ଏହି ପ୍ରକାରେ ଅବଶାଲମ ସେ ମାନତ ମନାସିବାର ବାହାନାରେ ରାଜାଙ୍କ ଠାରୁ ଅନୁମତି ନେଇ ହବ୍ରୋଣକୁ ଦୁଇ ଶହ ଲୋକଙ୍କୁ ନେଇଗଲେ । ଏହି ସମ୍ବାଦ ରାଜା ପାଇ, ଆପଣା ପରିବାର ଓ ପ୍ରାୟ ଛଅଶହ ଲୋକ ଯିରୁଶାଲମରୁ ଅବଶାଲୋମର ଆକ୍ରମଣ ଠାରୁ ରକ୍ଷା ପାଇବା ନିମନ୍ତେ ପଳାୟନ କଲେ ! ଲେଖାଯାଏ, ''ଅନନ୍ତର ଦାଉଦ କୈତୁନ

ପର୍ବତର ଉଠାଣି ଦେଇ ଗମନ କଲେ ଓ ଉପରକୁ ଯିବା ବେଳେ ରୋଦନ କରି କରି ଉପରକୁ ଗଲେ; ...'' (୨ ଶାମୁୟେଲ ୧୫:୩୦)

ଦାଉଦ ତାହାଙ୍କ ପ୍ରତି ସଦାପ୍ରଭୁଙ୍କ ପ୍ରତିଜ୍ଞା ସ୍ମରଣ କଲେ । ସଦାପ୍ରଭୁ କହିଥିଲେ, ''ତୁମ୍ଭ ବଂଶ ତତ୍ତୁମ୍ଭ ରାଜତ୍ୱ ତୁମ୍ଭ ସମ୍ମୁଖରେ, ଅନନ୍ତକାଳ ସ୍ଥିରୀକୃତ ହେବ; ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ ହେବ ।'' (୨ ଶାମୁୟେଲ ୭:୧୬) । ''ତୁମ୍ଭେ ମୋତେ ଭରସାଯୁକ୍ତ କରିଅଛ, ଏଣୁ ତୁମ୍ଭେ ଆପଣା ଦାସ ବାକ୍ୟ ସ୍ମରଣ କର । (ଗୀତ ୧୧୯:୪୯) । ଆପଣା ରାଜ୍ୟ କିଅବା ଆପଣା ସନ୍ତାନଙ୍କୁ ହରାଇବେ ବୋଲି ଦାଉଦ ଜ୍ଞାତ ଥିଲେ । ଏହିସବୁ ମନରେ ରଖି, ଦୁଃଖରେ ରୋଦନ କରୁ କରୁ ଜୈତୁନ ବା ଜୀତ ପର୍ବତ ଆରୋହଣ କରିଥିଲେ ।

ଯୀଶୁଖ୍ରୀଷ୍ଟ ଏହି ଜଗତରେ ୩ ୧/୨ ବର୍ଷ ସୁସମାଚାର ପରିଚର୍ଯ୍ୟା କରିଥିଲେ । ସେ ହଜିଯାଇଥିବା ଆତ୍ମାମାନଙ୍କୁ ରକ୍ଷା କରିବା ନିମନ୍ତେ ଏହି ଜଗତରେ ଅବତରଣ କରିଥିଲେ । ସେ ପ୍ରେମମୟ ପିତାଙ୍କ ପ୍ରେମ ଓ ଧାର୍ମିକତାର ପଥ ଶିକ୍ଷା ଦେଉଥିଲେ । ସେ ଦିବସରେ ମନ୍ଦିରରେ ଶିକ୍ଷା ଦେଇ, ଜୀତ ପର୍ବତ ଉପରେ ରାତ୍ରୀକ୍ଷେପଣ କରୁଥିଲେ । (ଲୂକ ୨୧:୩୭) । ଯୋହନଙ୍କ ବିବରଣ ଅନୁଯାୟୀ ଯୀଶୁ ଜୀତ ପର୍ବତରେ ରାତ୍ରୀ ଯାପନ କରି ମନ୍ଦିରରେ ପ୍ରବେଶ କଲେ ଓ ବ୍ୟଭିଚାରରେ ଧୃତା ସ୍ତ୍ରୀର ବିଚାର କରିଥିଲେ । (ଯୋହନ ୮:୧-୧୧) । ଦାଉଦଙ୍କ ସଦୃଶ୍ୟ ପଳାୟନ ନ କରି, ଜୀତ ପର୍ବତ ଆପଣା ପିତାଙ୍କ ଇଚ୍ଛା ସାଧନ କରିବାକୁ ଆରୋହଣ କରିଥିଲେ । ତାହାଙ୍କ ଜୀବନର ଶେଷ ଦଶାରେ ଜୀତ ପର୍ବତର ପ୍ରାଧାନ୍ୟତା ବଢ଼ି ଯାଇଥିଲା ।

ମାଥିଉ ୧୬:୧୮ ପଦରେ ଯୀଶୁ ଆପଣା ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିବା ପରେ, ୨୧ ପଦରେ ଲେଖାଯାଏ, ''ସେ ସମୟ ଠାରୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ବୁଝାଇବାକୁ ଲାଗିଲେ ଯେ, ତାହାଙ୍କୁ ଅବଶ୍ୟ ଯିରୁଶାଲମକୁ ଯିବାକୁ ହେବ ଏବଂ ପ୍ରାଚୀନ, ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କ ହସ୍ତରୁ ବହୁତ ଦୁଃଖଭୋଗ କରି ହତ ହେବାକୁ ହେବ, ପୁଣି ତୃତୀୟ ଦିବସରେ ଉତ୍ଥିତ ହେବ ।''

ଏହି ଜୀତ ପର୍ବତ ଉପରୁ ସମ୍ମୁଖରେ ଥିବା ଗ୍ରାମକୁ ଆପଣା ନିମନ୍ତେ ଏକ ଶାବକ ନିମନ୍ତେ ଦୁଇଜଣ ଶିଷ୍ୟମାନଙ୍କୁ ପ୍ରେରଣ କରିଥିଲେ । (ମାଥିଉ ୨୧:୧,୨) । ଜିଖରୀୟ ୯:୯ ପଦରେ ଲିଖିତ ଭବିଷ୍ୟଦ୍‌ବାଣୀ ସଫଳାର୍ଥେ ଯୀଶୁ, ଗର୍ଦ୍ଦଭାରୋହୀ

ହୋଇ ଯିରୁଶାଲମରେ ପ୍ରବେଶ କରିଥିଲେ । ଏହି ଘଟଣା ପାଞ୍ଚଦିନ ପରେ ସେ କ୍ଲେଶ ଭୋଗୀ କ୍ରୁଶାର୍ପିତ ହୋଇଥିଲେ । ଇତି ମଧ୍ୟରେ ସେ ଶିକ୍ଷା ଦେବାରେ, ରୋଗୀମାନଙ୍କୁ ସୁସ୍ଥ କରିବାରେ, ଭାବବାଣୀ ପ୍ରକଟ କରିବରେ ନିମଗ୍ନ ରହିଲେ । ଜୀତ ପର୍ବତ ଉପରୁ ଯିରୁଶାଲମର ପତ୍ତନ ଓ ଯୁଗାନ୍ତ ବିଷୟରେ ଭାବାଣୀ ପ୍ରକଟ କରିଥିଲେ । (ମାଥିଉ ୨୪:୪) । ଲୂକଙ୍କ ବିବରଣ ଅନୁଯାୟୀ, ଇଷ୍କାରିଓ୍ୱ ଯିହୂଦାଙ୍କ ଦ୍ୱାରା ପ୍ରତାରିତ ହେବା ସମୟରେ ଜୀତ ପର୍ବତ ଉପରେ ଥିଲେ । (ଲୁକ ୨୨:୩୯)

ଦାଉଦ ଓ ଯୀଶୁଙ୍କ ମଧ୍ୟରେ ଜୀବନରେ ଘଟିବା ଘଟଣା ତିନୋଟି ବିଷୟରେ ସମତୁଲ୍ୟ। ଏହି ଗୁଡ଼ିକ ଆମ୍ଭମାନଙ୍କୁ ଅନେକ ବିଷୟରେ ବିଷୟରେ ଶିକ୍ଷା ଦିଏ ।

| | |
|---|---|
| ୧) ଦାଉଦଙ୍କ ପାପ ତାହାଙ୍କ ପର୍ବତକୁ ଆଣିଥିଲା | ୧) ଯୀଶୁଙ୍କ ଧର୍ମିକର୍ମ ତାହାଙ୍କୁ ଜୀତ ପର୍ବତକୁ ଆଣିଥିଲା । |

ଆମ୍ଭମାନଙ୍କୁ ଜୀବନରେ ଆମ୍ଭେମାନେ ପର୍ବତ ସଦୃଶ୍ୟ ସମସ୍ୟା ଆସିବା ସମୟରେ ଦାଉଦ ଓ ଯୀଶୁଙ୍କ ଜୀବନରୁ ଅନେକ ଶିକ୍ଷା ପାଇପାରୁ (୨) ଦାଉଦ ଓ ଯୀଶୁଖ୍ରୀଷ୍ଟ ଦୁହେଁ ପ୍ରାର୍ଥନା କରିଥିଲେ ।''........ତହିଁରେ ଦାଉଦ କହିଲେ, ''.....ହେ ସଦ୍ . . . ଭୋ, ବିନୟ କରୁଅଛି, ଅହୀ ତଥା ଫେଲର ମନ୍ତ୍ରଣାକୁ ମୁର୍ଖତା କର ।'' (୨ ଶାମୁୟେଲ ୧୫:୩୧୫) । ''ଆଉ, ସେ ସେମାନଙ୍କ ଠାରୁ ପ୍ରାୟ ଶହେ ହାତ ଦୂରକୁ ଯାଇ ଜାନୁପାତି ଏହି ପ୍ରାର୍ଥନା କରିବାକୁ ଲାଗିଲେ ।'' (ଲୁକ୨୨:୪୧) । (୩) ଦୁହେଁ ରୋଦନ କରିଥିଲେ । ''ଅନନ୍ତ ଦାଉଦ କୌତୁନ ପର୍ବତର ଉଠାଣି ଦେଇ ଗଲେ; ସେ ସମୟରେ ତାଙ୍କର ମସ୍ତକ ଆଚ୍ଛାଦିତ ଥିଲା ଓ ସେ ଖାଲି ପାଦରେ ଚାଲୁଥିଲେ, ପୁଣି ତାଙ୍କର ସଙ୍ଗୀ ଲୋକମାନେ ପ୍ରତ୍ୟେକ ଆପଣା ଆପଣା ମସ୍ତକ ଆଚ୍ଛାଦନ କରିଥିଲେ ଓ ସେମାନେ ଉପରକୁ ଯିବାବେଳେ ରୋଦନ କରୁ କରୁ ଉପରକୁ ଗଲେ ।'' (୨ ଶାମୁୟେଲ ୧୫:୩୦) । ଏଠାରେ ରୋଦନ କରିବାର ଅର୍ଥ ମନ ପରିବର୍ତ୍ତନ କରିବା । ତାହାଙ୍କର ଓ ଅବଶଲମର ଯୁଦ୍ଧର ପରିଣାମ ସେ ଜ୍ଞାତ ହୋଇ ରୋଦନ କରିଥିଲେ । ଯୁଦ୍ଧରେ ଜୟୀ ହୋଇ ଆପଣା ପୁତ୍ର ଅବଶାଲମ, ହାୟ ଅବଶାଲମ, ଆମ୍ଭ ପୁତ୍ର ଆମ୍ଭ ପୁତ୍ର ।'' (୨ ଶାମୁୟେଲ ୧୪:୪) । ଯୀଶୁଖ୍ରୀଷ୍ଟ ଯିରୁଶାଲମ ନିମନ୍ତେ ରୋଦନ କରିଥିଲେ ।

ଯୀଶୁଖ୍ରୀଷ୍ଟ ଯିରୁଶାଲମ ନିମନ୍ତେ ରୋଦନ କରିଥିଲେ । କାରଣ ସେ

ଯିରୁଶାଲମର ଭବିଷ୍ୟଦ ଦୁଃସ୍ଥିତି ବିଷୟରେ ଦୁଃଖିତ ଥିଲେ; ସେମାନେ ମନପରିବର୍ତ୍ତନ କରି ନ ଥିବା, ତାଙ୍କର ଦୁଃଖର କାରଣ ଥିଲା । ''ଗୋ ଯିରୁଶାଲମ, ଗୋ ଯିରୁଶାଲମ, ଭାବବାଦୀ ମାନଙ୍କ ହତ୍ୟାକାରିଣୀ ଓ ଆପଣା ନିକଟକୁ ପ୍ରେରିତମାନଙ୍କ ପ୍ରସ୍ତରାଘାତକ କୁକୁଡ଼ି ଯେପରି ପକ୍ଷ ତଳେ ଆପଣା ସେବକମାନଙ୍କୁ ଏକତ୍ର କରେ, ସେପରି ମୁଁ କେତେ ଥର ତୋହର ସନ୍ତାନମାନଙ୍କୁ ଏକତ୍ର କରିବାକୁ ଇଚ୍ଛା କଲି, କିନ୍ତୁ ତୁମ୍ଭେମାନେ ଇଚ୍ଛୁକ ହେଲ ନାହିଁ ।'' (ମାଥିଉ ୨୩:୩୭) । ''ପୁଣି, ସେ ମର୍ମାନ୍ତିକ ଦୁଃଖରେ ମଗ୍ନ ହୋଇ ଆହୁରି ଏକାଗ୍ରଭାବରେ ପ୍ରାର୍ଥନା କରିବାକୁ ଲାଗିଲେ ଓ ତାହାଙ୍କ ଝାଳ ଘନ ରକ୍ତ ଟୋପା ପରି ଭୂଇଁରେ ପଡ଼ିଲା ।'' (ଲୂକ ୨୨:୪୪)

ଦୁହେଁ ଈଶ୍ୱରଙ୍କ ଇଚ୍ଛାକୁ ଆପଣାକୁ ସମର୍ପିତ କରିଥିଲେ । ''......ପରମେଶ୍ୱରଙ୍କ ସିନ୍ଦୁକ ନଗରକୁ ଫେରାଇ ନିଅ, ଯେବେ ମୁଁ ସଦାପ୍ରଭୁଙ୍କ ଅନୁଗ୍ରହ ପାଏ, ତେବେ ସେ ମୋତେ ପୁନର୍ବାର ଆଣିବେ, ପୁଣି ଏହା ଓ ଆପଣା ନିବାସ ସ୍ଥାନ ମୋତେ ଦେଖାଇବେ ।'' (୨ ଶାମୁୟେଲ ୧୫:୨୫) । ସେ ଆପଣାକୃତ ପାପର ପ୍ରତିଫଳ ଅନୁଭବ କରିବା ନିମନ୍ତେ ପ୍ରସ୍ତୁତ ଥିଲେ । ଯୀଶୁଖ୍ରୀଷ୍ଟଙ୍କ ବଳିଦାନ ବ୍ୟତୀତ ମାନବ ସମାଜର ପରିତ୍ରାଣ ନିମନ୍ତେ ଅନ୍ୟ କିଛି ମାର୍ଗ ନାହିଁ ବୋଲି ଯୀଶୁ ଜ୍ଞାତ ଥିଲେ । ''ହେ ପିତା, ଯଦି ତୁମ୍ଭର ଇଚ୍ଛା ଥାଏ, ତେବେ ଏହି ପାନପାତ୍ର ମୋ ଠାରୁ ଦୂର କର, ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ ।'' (ଲୂକ ୨୨:୪୨) । ସେ ଆପଣାକୁ ସ୍ୱର୍ଗସ୍ଥ ପିତାଙ୍କ ଠାରେ ଆପଣାକୁ ସମର୍ପଣ କରିଥିଲେ ।

ଆମ୍ଭେମାନେ ଖ୍ରୀଷ୍ଟୀୟ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଉ । ପ୍ରଲୋଭନରେ ପଡ଼ି ପାପ କଲେ, ଶାପଗ୍ରସ୍ତ ହେବୁ । ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ପରୀକ୍ଷାରେ ବିଜୟୀ ହେବା ଆବଶ୍ୟକ ।

ଦାଉଦ ଓ ଯୀଶୁଖ୍ରୀଷ୍ଟ ସଦୃଶ୍ୟ ଆମ୍ଭେମାନେ ରୋଦନ କରୁ । ଆତ୍ମିକ ବଳ ନିମନ୍ତେ ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରୁ । ଆପଣା ଆପଣାକୁ ସଦାପ୍ରଭୁଙ୍କ ଇଚ୍ଛାକୁ ସମର୍ପିତ କରୁ । ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ

**- RONNIE GOOTAM**

# ମୁଁ କାହିଁକି ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହେ
## (Why I go to every Service of the Church)

''ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶର ଉପସ୍ଥିତ ରହେ, କାରଣ ସେଠାରେ ଯୀଶୁ ଉପସ୍ଥିତ ଥା'ନ୍ତି, କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ ନାମରେ ଏକତ୍ରିତ ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛୁ।'' (ମାଥିଉ ୧୮;୨୦) ଯୀଶୁଖ୍ରୀଷ୍ଟ କେବେ ବି ମଣ୍ଡଳୀ ସମାବେଶରେ ଅନୁପସ୍ଥିତ ରହନ୍ତି ନାହିଁ, ମୁଁ ମଧ୍ୟ ମଣ୍ଡଳୀ ର କୌଣସି ସମାବେଶରେ ଅନୁପସ୍ଥିତ ନୋହିବି, ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହେ, କାରଣ ତାହା ଦ୍ୱାରା ମୁଁ ଆତ୍ମିକ ବଳ ପାଏ। ଉତ୍ତମ ଜୀବନ ଯାପନ କରିବାର ଆବଶ୍ୟକୀୟ ବଳ ମୁଁ ଉପାସନା ଦ୍ୱାରା ପାଇ ଥାଏ। ଉପାସନାରୁ ପ୍ରାପ୍ତ ବଳ ମୋତେ ଆତ୍ମିକ ପତନରୁ ରକ୍ଷା କରେ । ଏହି ସମାବେଶ ସର୍ବୋତ୍କୃଷ୍ଟ ସୁ ମଧୁର ସହଭାଗିତା। ଏତଦ୍ୱାରା ସ୍ୱର୍ଗପୁରେ ପ୍ରବେଶ କରିବାରେ ସୁଯୋଗ ପାଇଥାଉ। ଜୀବନରେ ବୋଝ ସହ୍ୟ କରିବାରେ ଏହି ଶକ୍ତି ସାହାର୍ଯ୍ୟକରେ । ମୁଁ ବା କାହିଁକି ଏହି ବଳ ଉପେକ୍ଷା କରିବି ?

ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହେ, କାରଣ ମଣ୍ଡଳୀ ଅଭିବୃଦ୍ଧି ପାଇବା ପରେମେଶ୍ୱରଙ୍କ ଆକାଂକ୍ଷା । ମଣ୍ଡଳୀର ପ୍ରତ୍ୟେକ ସଭ୍ୟ, ପରମେଶ୍ୱରଙ୍କୁ ଆପଣା ଜୀବନରେ ପ୍ରଥମ ସ୍ଥାନ ଦେଲେ ମଣ୍ଡଳୀର ଅଭିବୃଦ୍ଧି ପାଏ। ମଣ୍ଡଳୀ ପରିତ୍ରାଣ ପ୍ରାପ୍ତ ହେବା ଖ୍ରୀଷ୍ଟିୟାନମାନଙ୍କର ଦ୍ୱାରା ଗଠିତ ହୋଇ ଥିବାରୁ , ମଣ୍ଡଳୀର ଅଭିବୃଦ୍ଧିର ଅନେକ ବିନାଶ ପ୍ରାପ୍ତ ହେଉଥିବା ବ୍ୟକ୍ତିମାନଙ୍କ ଯୋଗ କରିବା। ଏତଦ୍ୱାରା ଜଗତର ସର୍ବୋତ୍କୃଷ୍ଟ କାର୍ଯ୍ୟର ଅଭିବ୍ୟକ୍ତି ହୁଏ।

ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହି, ଏକ ଆଦର୍ଶ ଜୀବନଯାପନ କରିବାକୁ ଇଚ୍ଛା କରେ । ଅନେକ ମୋତେ ଅନୁସନ୍ଧାନ କରନ୍ତି ଓ ଅନୁସରଣ କରୁ ଅଛନ୍ତି । ଆମ୍ଭେମାନେ ଉତ୍ତମତାରେ କିଅବା ମନ୍ଦତାରେ ପ୍ରଭାବିତ କରୁ । ଏତବ୍ୟତିତ ଅନ୍ୟ ପଥ ନାହି । ମଣ୍ଡଳୀର ପ୍ରତ୍ୟେକ ଉପାସନାରେ ରହି ମୁଁ ଅନ୍ୟମାନଙ୍କ ଉପରେ ଉତ୍ତମତାରେ ପ୍ରଭାବିତ କରୁ ଅଛୁ, ନଚେତ୍ ମୋର ପ୍ରଭାବ ମନ୍ଦ। ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହି, ଯୀଶୁଙ୍କ ଠାରେ ମୋହର

ପ୍ରେମ ଓ କୃତଜ୍ଞ ପ୍ରକଟ କରେ । ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀ ପ୍ରତି ଅପାର ପ୍ରେମ ହେତୁ ସେ ମଣ୍ଡଳୀ ନିମନ୍ତେ ଆପଣା ପ୍ରାଣ ଅର୍ପଣ କରିଥିଲେ । ମୁଁ ତାହାଙ୍କ କାର୍ଯ୍ୟ ହେବା ନିମନ୍ତେ, ତାହାଙ୍କ ପ୍ରତି ମୋହର ପ୍ରେମ ପ୍ରକଟ କରିବା ଆବଶ୍ୟକ । ତାହାଙ୍କ ଠାରୁ ଅପାର ଆଶୀର୍ବାଦ ପ୍ରାପ୍ତ ହୋଇ, ତାହାଙ୍କ ଉପାସନା ନିମନ୍ତେ କିଛି ସମୟ ବ୍ୟୟ କରୁ । ପରମେଶ୍ୱରଙ୍କୁ ପ୍ରେମ କରିବା ଖ୍ରୀଷ୍ଟିୟାନମାନେ, ତାହାଙ୍କ ଉପାସନାରେ ସମୟ ବିତାଇବା କୁଣ୍ଠା ବୋଧ କରନ୍ତି ନାହିଁ । ତାହାଙ୍କ ପ୍ରେମ, ତାହାଙ୍କୁ ପ୍ରେମ କରିବାରେ ଆମ୍ଭେମାନଙ୍କୁ ପ୍ରବର୍ତ୍ତନ କରେ । ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ମୁଁ ଉପସ୍ଥିତ ରହି, ମୋହର ପ୍ରେମ ପ୍ରକଟ କରେ ।

ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହି ତାହାଙ୍କ ଆଜ୍ଞା ପାଳନ କରେ । ବାକ୍ୟ କହେ, ''ଆଉ କେହି ୨ ଯେପରି ଉପାସନା ପରି ତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନକରୁ, ବରଂ ପରସ୍ପର ଉତ୍ସାହ ଦେଉ । ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛୁ ।'' (ଏବ୍ରୀ ୧୦; ୨୫) । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନ ସପ୍ତାହିକ ଭାବେ ଓ ଦୈନିକ ଭାବେ ସମାବେଶ ହେଉଥିଲେ । (ପ୍ରେରିତ ୨୦ : ୭, ୨:୪୫, ୧୯;୯) । ଯେଉଁ ସ୍ଥାନରେ ବାଇବଲ ଶିକ୍ଷା ଦିଆଯାଏ, ପ୍ରାର୍ଥନା କରାଯାଏ, ପରମେଶ୍ୱରଙ୍କ ଗୌରବାନ୍ୱିତ ହୁଅନ୍ତି, ସେଠାରେ ଉପସ୍ଥିତ ରହୁ । ଏହା ଆମ୍ଭେମାନଙ୍କ ନିମନ୍ତେ ଉତ୍ତମ କାର୍ଯ୍ୟ । ଉତ୍ତମ କାର୍ଯ୍ୟ ଅବହେଳା ନ ହେଉ । ବାକ୍ୟ କହେ ଅତଏବ, ଯେ ସତକର୍ମ କରିବାକୁ ଜାଣି ତାହା କରେ ନାହିଁ, ତାହାର ପାପ ହୁଏ । '' (ଯାକୁବ ୪; ୧୭ )

ମୁଁ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହିବା ଦ୍ୱାରା ପ୍ରଥମରେ ତାହାଙ୍କୁ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କରେ । (ମାଥିଉ ୬; ୩୩) । ଖାଦ୍ୟ, ପାନୀୟ, ବସ୍ତ୍ର ଠାରୁ ପ୍ରଥମେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କରୁ । ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଠାରୁ ଅଧିକ ଆଉ କିଛି ନାହିଁ । ମୁଁ ମଣ୍ଡଳୀର ପ୍ରତ୍ୟେକ ଉପାସନାରେ ଉପସ୍ଥିତ ରହେ, କାରଣ ଏହା ନିରାପଦ ଯେଉଁ ମାନେ ଅନୁପସ୍ଥିତ ରୁହନ୍ତି ସେମାନେ ପାପ କରନ୍ତି କିନ୍ତୁ ମୁଁ ଉପସ୍ଥିତ ରହି, ନିରାପଦରେ ରହେ । ଉପାସନାରେ ଅନୁପସ୍ଥିତ ରହିବା ଆପଦମୟ । କାରଣ ମୁଁ ମଣ୍ଡଳୀର ପ୍ରତ୍ୟେକ ସମାଦେଶରେ ଉପସ୍ଥିତ ପ୍ରଭୁଙ୍କ

କାର୍ଯ୍ୟରେ ପ୍ରତି କରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ନିମନ୍ତେ ସାମର୍ଥାନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ ଖ୍ରୀଷ୍ଟିୟାନମାନେ ଅତି ସଛ କାର୍ଯ୍ୟକରି ସନ୍ତୃପ୍ତି ହୁଅନ୍ତି । ଯୀଶୁ କହନ୍ତି, ''ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ଆଜ୍ଞାନୁସାରେ ସବୁ କର୍ମ କଲା ପରେ କୁହ, ଆମ୍ଭେମାନେ ଅକର୍ମଣ୍ୟ ଦାସ, ଯାହା କର୍ତ୍ତବ୍ୟ, କେବଳ ତାହା କରିଅଛୁ ।'' (ଲୁକ ୧୭; ୧୦) । ନିରନ୍ତର ପ୍ରଭୁଙ୍କ କାର୍ଯ୍ୟରେ ବ୍ୟସ୍ତ ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହି ତାହାଙ୍କ କାର୍ଯ୍ୟରେ ବ୍ୟସ୍ତ ରହିବାରେ ସୁଯୋଗ ପାଏ ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭେମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ପ୍ରତି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ୍ ହୁଅ । ''(୧ମ କରନ୍ତି ୧୫, ୫୮)

***- Mac Layton***

❋❋❋

## ଈଶ୍ୱର ଦତ୍ତ ଶାନ୍ତି
## (The peace which God gives)

''ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁ ଅଛି, ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁ ନାହିଁ । ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ କି ଭୟଗ୍ରସ୍ତ ନ ହେଉ । '' (ଯୋହନ ୧୦;୨୭)

''ପୁଣି, ଖ୍ରୀଷ୍ଟଦତ୍ତ ଯେଉଁ ଶାନ୍ତି ଭୋଗ କରିବା ନିମନ୍ତେ ତୁମ୍ଭେମାନେ ଏକ ଶରୀର ସ୍ୱରୁପେ ଆହୂତ ହୋଇଅଛ, ତାହା ତୁମ୍ଭମାନଙ୍କ ହୃଦୟରେ ରାଜତ୍ୱ କରୁ, ପୁଣି ତୁମ୍ଭେମାନେ ଧନ୍ୟବାଦ ଦିଅ । '' (କଲସୀ ୩;୧୫) । ଏଠାରେ ଉଲ୍ଲେଖିତ ''ଏକ ଶରୀର '' ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । ଆଉ ସେ ମଣ୍ଡଳୀ ରୂପ ଶରୀରର ମସ୍ତକ ସ୍ୱରୂପ, ଯେ ଆଜି ମୁଁ ତୁମ୍ଭମାନଙ୍କ ମଧ୍ୟରୁ ପ୍ରଥମ ଜାତ ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି । '' (କଲସୀ ୧; ୧୮) ।

ଖ୍ରୀଷ୍ଟ ଯେଉଁ ଶରୀର ମସ୍ତକ ସ୍ୱରୂପ ଅଟନ୍ତି, ସେହି ଶରୀରରେ ରହି ଜୀବନଯାପନ କରିବା କେତେ ଶାନ୍ତିକର । ''ଆଉ ସମସ୍ତ ବିଷୟ ତାହାଙ୍କ ପାଦ ତଳେ ବଶୀଭୂତ ରଖି ତାହାଙ୍କୁ ସର୍ବ ବିଷୟରେ ମସ୍ତକ ସ୍ୱରୂପେ ମଣ୍ଡଳୀକୁ ଦାନ

କରେ।'' (ଏଫିସୀ ୧; ୨୨) ଜହ୍ନରେ ବାପ୍ତିଜିତ ହେବା କିଅବା ଜଳରେ ଡୁବିତ ହେବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀରରେ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପ୍ରବେଶ କରି ପାଇବା । '' ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ଧାରଣ କରିଅଛ।'' (ଗାଲାତୀ ୫:୨୭) ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରି, ଖ୍ରୀଷ୍ଟଙ୍କ ଦତ୍ତ ଶାନ୍ତି ଆମ୍ଭମାନଙ୍କ ପ୍ରତି ବର୍ତ୍ତୁ ଅଛି । ଅମ୍ଭେମାନେ ପରମେଶ୍ୱରଙ୍କ ସହ ଶାନ୍ତିରେ ବାସ କରିବା ସଙ୍ଗେ ଆମ୍ଭେମାନଙ୍କ ପ୍ରତିବାସୀ ମାନଙ୍କ ସହିତ ଶାନ୍ତିରେ ବାସ କରୁ ।

ଆମ୍ଭେମାନେ ସ୍ୱର୍ଗସ୍ଥ ପିତାଙ୍କ ସହ ଶାନ୍ତିରେ ବାସ କରିବାର ସଙ୍ଗେ ୨ ଗୃହରେ, ସମାଜରେ, ମଣ୍ଡଳୀରେ ଶାନ୍ତି କାରକ ହେବାକୁ ଚେଷ୍ଟା କରିବା ଯୁକ୍ତିଯୁକ୍ତ ଅଟେ । ଯୀଶୁ କହିଲେ, ଶାନ୍ତିକାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବ ।

ଶାନ୍ତି କାରକର ଅର୍ଥ, ଯିଏ କଳହ ଅଟକାଏ ଏବଂ କଳହକାରୀମାନଙ୍କ ମଧ୍ୟରେ ସମାଧାନ କରାଏ । କଠିନ ବ୍ୟବହାର କରିବା ଲୋକମାନଙ୍କୁ ତୀବ୍ର ବ୍ୟବହାର, କିଅବା କଟୁ ବାକ୍ୟ ଦ୍ୱାରା ଶାନ୍ତି ଅଣାଯାଇ ପାରେ ନାହିଁ । ଜ୍ଞାନୀ ଶଲୋମନ କହନ୍ତି, କମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁ ବାକ୍ୟ କୋପ ଜଣାଏ । '' (ହିତ ୧୫; ୧) ଆନନ୍ଦିତ ମନ ମୁଖକୁ ପ୍ରଫୁଲ କରେ, ପୁଣି, ମନରେ ସକରେ ଆତ୍ମା ଭଗ୍ନ ହୁଏ । '' (ହିତ ୧୫;୧୩) '' ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ । (ଫିଲପ ୪:୭) ଶାନ୍ତି ଦାତା ଈଶ୍ୱର ତୁମ୍ଭସମସ୍ତଙ୍କ ସହିତ ଥାଆନ୍ତୁ । ଆମେନ୍ ।

*- Margie Overton*

## ''ଯୀଶୁଙ୍କୁ ଦର୍ଶନ କରିବା ନିମନ୍ତେ ଆମ୍ଭମାନଙ୍କର ଇଛା''

## (We wish to see Jesus!)

''ସେମାନେ ଗାଲିଲୀସ୍ଥ ବେଥସାଇଦା ନିବାସୀ ଫିଲିପୀୟଙ୍କ ନିକଟଙ୍କୁ ଆସି ତାହାଙ୍କୁ ଅନୁରୋଧ କରି କହିଲେ, ମହାଶୟ ଯୀଶୁଙ୍କୁ ଦର୍ଶନ କରିବା ନିମନ୍ତେ ଆମ୍ଭମାନଙ୍କର ଇଛା । '' (ଯୋହନ୧୨ ; ୨୧)

**(୧) ଯୀଶୁଙ୍କୁ ଦର୍ଶନ କରିବାକୁ ଇଚ୍ଛୁକ ଏମାନେ କିଏ ?**

ଏହି ବ୍ୟକ୍ତିମାନେ ଗ୍ରୀକ ଥିଲେ ବୋଲି ୨୦ମ ପଦରେ ପଢିପାରୁ । ଏମାନେ ପର୍ବ ସମୟରେ ଯିରୁଶାଲମକୁ ସତ୍ୟ ପରମେଶ୍ୱରଙ୍କ ଉପାସନା କରିବା ନିମନ୍ତେ ଆସି ଥିଲେ । ସେମାନେ କି କର୍ଣ୍ଣିଲୀୟଙ୍କ ସମତୁଲ୍ୟ ଧାର୍ମିକ ଥିଲେ ? ସେମାନେ କି ଯିହୁଦୀ ମତାବଲମ୍ବୀ ଥିଲେ ? ଏହି ସବୁ ବିଷୟରେ ବାଇବଲ ମୌନ ରହେ । କୌତୂହଳ ବଶତଃ ସେମାନେ ତାହାଙ୍କୁ ଦେଖିବାକୁ ଇଛା କରିଥାନ୍ତି କାରଣ ତାହାଙ୍କୁ କୃତ ଅନେକ ଆଶ୍ଚର୍ଯ୍ୟ କର୍ମ ଦ୍ୱାରା ସେ ପ୍ରସିଦ୍ଧି ଥିଲେ ।

**(୨) ସେମାନେ କି ସତ୍ୟ ପୁରୁଷର ଅନୁସନ୍ଧାନୀ ଥିଲେ ?**

ନିଶ୍ଚିତ ଭାବେ ଆମ୍ଭେମାନେ ଅନେକ କାର୍ଯ୍ୟରେ ବ୍ୟସ୍ତ ରହୁ, କିନ୍ତୁ ଯୀଶୁଙ୍କ ନିକଟକୁ ଯିବା ଶ୍ରେଷ୍ଠତମ କାର୍ଯ୍ୟ, ଖାଦ୍ୟ, ବସ୍ତ୍ର, ନିବାସ ଆମ୍ଭମାନଙ୍କ ଶାରିରୀକ ପ୍ରୟୋଜନ, କିଂତୁ ଯୀଶୁଙ୍କ ନିକଟକୁ ଯିବା ଶ୍ରେଷ୍ଠତମ । ଆପଣ କି କେବେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଅଛନ୍ତି ? ଜଗତର ସୌନ୍ଦର୍ଯ୍ୟମୟ ସ୍ଥାନ ଭ୍ରମଣ କରି ଅଛନ୍ତି ? ଯୀଶୁଙ୍କ ନିକଟକୁ ଯିବା, ତାହାଙ୍କୁ ଦେଖିବା ସବୁଠାରୁ ସୌନ୍ଦର୍ଯ୍ୟମୟ ବିଷୟ । ଆପଣ କି ତାହାଙ୍କୁ ଆପଣା ପରିତ୍ରାଣ କର୍ତ୍ତାରୂପେ ଗ୍ରହଣ କରିଅଛନ୍ତି ? ତାହାଙ୍କୁ ଖ୍ରୀଷ୍ଟ ବା ଅଭିଷିକ୍ତ ବୋଲି ଜାଣିଅଛନ୍ତି ? ତାହାଙ୍କୁ ମଣ୍ଡଳୀର ମସ୍ତକ ରୂପେ ଦେଖି ଅଛନ୍ତି ? ତାହାଙ୍କ ଆପଣଙ୍କ ଦୈନିକ ଜୀବନର ପ୍ରଭୁ ରୂପେ ଦେଖି ଅଛନ୍ତି ?

**(୩) ଆଜି ଆମ୍ଭେମାନେ ତାହାଙ୍କୁ କେଉଁ ଠାରେ ଦେଖି ପାରୁ ? ଧର୍ମଶାସ୍ତ୍ରରେ ତାହାଙ୍କୁ କି ଦେଖି ପାରୁ ?**

ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପିତର, ଏକତ୍ରିତ ଜନତାଙ୍କୁ କହିଥିବା ପ୍ରସଙ୍ଗରେ ଆମ୍ଭେମାନେ ଯୀଶୁଙ୍କୁ ଦେଖିପାରୁ । ଯୀଶୁ ହିଁ ତ୍ରାଣକର୍ତ୍ତା ଖ୍ରୀଷ୍ଟ ବୋଲି ସେ ଧର୍ମଶାସ୍ତ୍ରର ବାକ୍ୟ ଦ୍ୱାରା ପ୍ରମାଣିତ କରିଥିଲେ । ଯୀଶୁ ଖ୍ରୀଷ୍ଟ ହିଁ ତ୍ରାଣକର୍ତ୍ତା ବୋଲି ପୁରାତନ ନିୟମ

ପ୍ରକଟ କରେ । ( ଯିଶାଇୟ ୫୩ ମ ଅଧ୍ୟାୟ) । କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେରିତ ପାଉଲ ଅନେକଙ୍କୁ ପରିଚିତ କରି ଥିଲେ ।

ଖ୍ରୀଷ୍ଟିୟାନ୍‌ମାନଙ୍କ ଜୀବନରେ ଖ୍ରୀଷ୍ଟଙ୍କୁ ଦେଖୁ । ପ୍ରେରିତ ପାଉଲ ଲେଖନ୍ତି ମୁଁ ଖ୍ରୀଷ୍ଟଙ୍କ ସହିତ ହତ ହୋଇ ଅଛି ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋ ଠାରେ ଜୀବିତ ଅଛନ୍ତି, ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଅଛୁ ତାହା ବିଶ୍ୱାସରେ, ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କ ଠାରେ ବିଶ୍ୱାସ କରି ଯାପନ କରୁଅଛୁ ।'' (ଗାଲାତି ୩: ୨ ୦)

**(୪) ଆପଣ କି ଗ୍ରୀକମାନଙ୍କ ସଦୃଶ୍ୟ ଯୀଶୁଙ୍କୁ ଦେଖି ବାକୁ ଇଛା କରନ୍ତି ?**

ଆପଣଙ୍କ ବାଇବଲ ଖୋଲନ୍ତୁ । ଯୀଶୁଙ୍କ ବାକ୍ୟ ଯୀଶୁ ବିଷୟରେ ସାକ୍ଷ୍ୟ ଦେଉ । ମଣ୍ଡଳୀର ପ୍ରତ୍ୟେକ ଉପାସନାରେ ଉପସ୍ଥିତ ରୁହନ୍ତୁ । ମଣ୍ଡଳୀର ସହଭାଗିତାରୁ ଦୂରରେ ନ ରୁହନ୍ତୁ । ଈଶ୍ୱର ଭକ୍ତ ବ୍ୟକ୍ତିମାନଙ୍କ ଜୀବନ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କୁ ଆପଣ ଦେଖି ପାରିବେ । ଆପଣଙ୍କ ଜୀବନ ଦ୍ୱାରା କି ଅନ୍ୟମାନେ ଯୀଶୁଙ୍କୁ ଦେଖୁ ଅଛନ୍ତି ?

*- Loy Mitchell*

❋❋❋

## ମୋଶା ଓ ହାରୋଣଙ୍କ ପାପ ବିଷୟରେ ...

## (Sin of Moses and Aaron)

ଇଶ୍ରାଏଲୀୟମାନେ ସୀନ ପ୍ରାନ୍ତରରେ ଜଳର ଅଭାବ ହେବାରୁ ମୋଶା ଓ ହାରୋଣଙ୍କ ବିରୁଦ୍ଧରେ ଭରସା କରିବାରୁ, ସଦାପ୍ରଭୁ ସେମାନଙ୍କୁ ଜଳ ଦେବା ନିମନ୍ତେ ସ୍ଥିର କଲେ । ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ମଣ୍ଡଳୀ କି ଏକତ୍ର କର, ଆଉ ତୁମ୍ଭେମାନେ ସେମାନଙ୍କ ଦୃଷ୍ଟି ଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବାପାଇଁ ଆଜ୍ଞା ନ ଦେଇ, ତହିଁରେ ତୁମ୍ଭେ ସେମାନଙ୍କ ନିମନ୍ତେ ଶୈଳରୁ ଜଳ ବାହାର କରି ମଣ୍ଡଳୀ କି ଓ ସେମାନଙ୍କ ପଶୁଗଣଙ୍କୁ ପାନ କରାଇବା'' (ଗଣନା ୨ ୦; ୮) । କିନ୍ତୁ ମୋଶା ଶୈଳକୁ ଜଳ ଦେବା ନିମନ୍ତେ ଆଜ୍ଞା ନ ଦେଇ ଶୈଳକୁ ଦୁଇ ଥର ଆଘାତ କଲେ । ଯଦିଓ ଶୈଳରୁ ଜଳ ବାହାରିଲା ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ .....ତୁମ୍ଭେମାନେ ଇସ୍ରାଏଲ -ସନ୍ତାନମାନଙ୍କ ସାକ୍ଷାତରେ ଆମ୍ଭକୁ ପବିତ୍ର ବଳି ମାନ୍ୟ କରିବାକୁ ଆମ୍ଭଠାରୁ ବିଶ୍ୱାସ

କଲ ନାହିଁ, ଏହେତୁ ଆମ୍ଭେ ଏହି ମଣ୍ଡଳୀ କି ଯେଉଁ ଦେଶ ଦେଇଅଛୁ , ସେହି ଦେଶରେ ତୁମ୍ଭେମାନେ ସେମାନଙ୍କ ପ୍ରବେଶ କରାଇବ ନାହିଁ ।'' (୨୦:୧୭)

ମୋଶା ଓ ହାରୋଣ କରିଥିବା ଆଜ୍ଞା ଲଂଘନତାରୁ ଗୁରୁତର ଦଣ୍ଡ ସେମାନେ ପ୍ରାପ୍ତ ହୋଇଥିଲେ ବୋଲି ମନେ ହୁଏ । କିନ୍ତୁ ଆସ ଆମ୍ଭେମାନେ ଘଟଣାକୁ ସୂକ୍ଷ୍ମଭାବେ ବିଶ୍ଳେଷଣ କରିବା । '' ଆଉ ସେହି ସ୍ଥାନରେ ମଣ୍ଡଳୀ ନିମନ୍ତେ ଜଳ ନ ଥିଲା ତହିଁରେ ଲୋକମାନେ ମୋଶାଙ୍କ ବିରୁଦ୍ଧରେ ଓ ହାରୋଣଙ୍କ ବିରୁଦ୍ଧରେ ଏକତ୍ର ହେଲେ । ପୁଣି, ଲୋକମାନଙ୍କ ମୋଶାଙ୍କ ସହିତ ବିବାଦ କରି କହିଲେ , ହାୟ, ଆମ୍ଭମାନଙ୍କ ଭାଇମାନେ ଯେତେବେଳେ ସଦାପ୍ରଭୁଙ୍କ ସମ୍ମୁଖରେ ମଲେ, ସେତେବେଳେ ଯେବେ ମରି ଥାନ୍ତୁ । ତୁମ୍ଭେମାନେ କାହିଁକି ସଦାପ୍ରଭୁଙ୍କ ସମାଜକୁ ବାହାର କରି ପ୍ରାନ୍ତରକୁ ଆଣିଲ, ଯେପରି କି ଆମ୍ଭେମାନେ କି ଆମ୍ଭେମାନେ ଓ ଆମ୍ଭମାନଙ୍କର ପଶୁମାନେ ଏହି ଠାରେ ମରିବୁ ? ଆଉ ତୁମ୍ଭେମାନେ କାହିକି ଆମ୍ଭମାନଙ୍କୁ ମିସର ଦେଶରୁ ବାହାର କରି ଆଣିଲ, କି ଏହି କଦର୍ଯ୍ୟ ସ୍ଥାନକୁ ଆଣିବାକୁ ? ଏ ତ ଶସ୍ୟ କି ଡ଼ିମ୍ବିରି କି ଦ୍ରାକ୍ଷା କି ଡ଼ାଳିମ୍ବର ସ୍ଥାନ ନୁହେଁ, କିଅବା ଏଠାରେ ପିଇବାକୁ ଜଳ ନାହିଁ । ଏଥିରେ ମୋଶା ଓ ହାରୋଣ ସମାଜ ସାକ୍ଷାତରୁ ସମାଗମ ତମ୍ବୁର ଦ୍ୱାରକୁ ଯାଇ ମୁହଁ ମାଡ଼ି ପଡିଲେ, ତହୁଁ ସଦାପ୍ରଭୁଙ୍କ ପ୍ରତାପ ସେମାନଙ୍କ ପ୍ରତି ପ୍ରକାଶ ପାଇଲା । ଅନନ୍ତର ସଦାପ୍ରଭୁ ମୋଶାକୁ କହିଲେ, ତୁମ୍ଭେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ମଣ୍ଡଳୀ କି ଏକତ୍ର କର , ଆଉ ତୁମ୍ଭେମାନେ ସେମାନଙ୍କ ଦୃଷ୍ଟି ଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବା ପାଇ ଆଜ୍ଞା ଦିଅ, ତହିଁରେ ତୁମ୍ଭେ ସେମାନଙ୍କ ନିମନ୍ତେ ଶୈଳରୁ ଜଳ ବାହାର କରି ମଣ୍ଡଳୀ କି ଓ ସେମାନଙ୍କ ପଶୁଗଣକୁ ପାନ କରାଇବ । ତହୁଁ ମୋଶା ସଦାପ୍ରଭୁଙ୍କ ସମ୍ମୁଖରୁ ତାହାଙ୍କ ଆଜ୍ଞା ପ୍ରମାଣେ ଯଷ୍ଟି ନେଲେ । ପୁଣି ମୋଶା ଓ ହାରୋଣ ସେହି ଶୈଳ ସମ୍ମୁଖରେ ସମାଜକୁ ଏକତ୍ର କଲେ, ଆଉ ସେ ସେମାନଙ୍କୁ କହିଲେ, ହେ ବିଦ୍ରୋହୀଗଣ, ଶୁଣ, ଆମ୍ଭେମାନେ କି ତୁମ୍ଭମାନଙ୍କ ନିମନ୍ତେ ଏହି ଶୈଳକୁ ଜଳ ବାହାର କରିବା ?

ଏ ଉତ୍ତାରେ ମୋଶା ହସ୍ତ ଉଠାଇ ଆପଣା ଯଷ୍ଟିରେ ସେହି ଶୈଳକୁ ଦୁଇ ଥର ଆଘାତ କଲେ, ତହିଁରେ ପ୍ରଚୁର ଜଳ ବାହାର ହେଲା, ପୁଣି ମଣ୍ଡଳୀ ଓ ସେମାନଙ୍କ ପଶୁଗଣ ପାନ କଲେ । ଏଥିରେ ସଦାପ୍ରଭୁ ମୋଶା ଓ ହାରୋଣକୁ କହିଲେ , ତୁମ୍ଭେମାନେ ଇସ୍ରାଏଲ – ସନ୍ତାନମାନଙ୍କୁ ସାକ୍ଷାତରେ ଆମ୍ଭଙ୍କୁ ପବିତ୍ର ବୋଲି ମାନ୍ୟ କରିବାକୁ

ଆମ୍ଭଠାରେ ବିଶ୍ୱାସ କଲେ ନାହିଁ (ଗଣନା ୨୦;୨-୧୨)।

ପ୍ରସ୍ତରକୁ ଆଜ୍ଞା ନଦେଇ ଆଘାତ କରିବା ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରିବା। ସଦାପ୍ରଭୁ ମୋଶା ଓ ହାରୋଣଙ୍କ ହୃଦୟ ପରୀକ୍ଷା କରିଥିଲେ। (୧ମ ବଂଶାବଳୀ ୨୮:୯) ଆମ୍ଭଠାରୁ ବିଶ୍ୱାସ କଲ ନାହିଁ....... । ବୋଲି ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ ଦୋଷାରୋପଣ କରି ଥିଲେ। ଗୀତ ୧୦୬; ୩୨- ୩୩ ରେ ଲେଖାଯାଏ: ମୋଶା ଓଷ୍ଠାଧରରେ ଅବିବେଚନାରେ କଥା କହିଲେ, ଅବିବେଚନାର କଥା କଅଣ ? ସେ କହିଥିଲେ, ହେ ବିଦ୍ରୋହୀଗଣ, ଶୁଣ ଆମ୍ଭେମାନେ କି ତୁମ୍ଭେମାନଙ୍କ ନିମନ୍ତେ ଏହି ଶୈଳରୁ ଜଳ ବାହାର କରିବା ?'' (୧୦ମ ପଦ)

ସେ ବ୍ୟବହାର କରିଥିବା କଥାରୁ ବୁଝିପାରୁ ଯେ , ସେ ସଦାପ୍ରଭୁ ଗୌରବ ନ ଦେଇ ସେ ଆପେ ସେହି ଆଶ୍ଚର୍ଯ୍ୟ କର୍ମ କରିଥିଲେ ବୋଲି ଇସ୍ରାଏଲ ମାନଙ୍କୁ କହିଥିଲେ। ମୋଶା ଓ ହାରୋଣ ପରମେଶ୍ୱରଙ୍କୁ ଗୌରବ ନ ଦେଇ , ତାହାଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ( ଗଣନା ୨୦;୧୨,୨.୨୬;୧୪,ଦ୍ୱି ; ବ ୩୨;୫୧)

ସଦାପ୍ରଭୁ ଦେଇଥିବା ଶାସ୍ତିରେ ନ୍ୟାୟବାନ ଅଟନ୍ତି। ଗର୍ବ, ଅଂହକାର , ବିଦ୍ରୋହର ପ୍ରତିଫଳ ଶାସ୍ତି। (ହିତ ୧୬;୫,୧୮)। ଅନନ୍ତ ଅକ୍ଷୟ ପୁରସ୍କାର ପାଇବା ନିମନ୍ତେ, ଏହି ଜଗତରେ କେତେକ ବିଷୟରେ ଦଣ୍ଡିତ ହେବା ଆବଶ୍ୟକ। ଇସ୍ରାଏଲ ଜାତି ଦ୍ୱାରା ଖ୍ରୀଷ୍ଟଙ୍କ ଏହି ଜଗତରେ ଆବିର୍ଭାବ ହେବାର ଯୋଜନା ବିଫଳ ହୁଅନ୍ତ। ଏଥି ନିମନ୍ତେ ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ ସେମାନଙ୍କ ପାପ ନିମନ୍ତେ ଦଣ୍ଡିତ କରିଥିଲେ। ଏହି ଘଟଣାରୁ ଦୁଇଟି ବିଷୟ ବୁଝିପାରୁ (୧)ମନୁଷ୍ୟମାନଙ୍କ ସମ୍ମୁଖରେ ସଦାପ୍ରଭୁ ଗୌରବାନ୍ୱିତ ହେଉନ୍ତୁ (ଲେବୀ ୧୦;୩) (୨) ସେ ଆପଣା କାର୍ଯ୍ୟରେ ସେ ନ୍ୟାୟବାନ ଅଟନ୍ତି। (ଦ୍ୱି; ବି ୩୨; ୪ )। ସ୍ୱର୍ଗରେ ଯେପରି, ସେପରି ଏହି ଜଗତରେ ମହିମାନ୍ୱିତ ହେଉନ୍ତୁ।'' ହେ ଆମ୍ଭମାନଙ୍କର ପ୍ରଭୁ ଓ ଈଶ୍ୱର ତୁମ୍ଭେ ଗୌରବ, ସମ୍ଭ୍ରମ ଓ ପରାକ୍ରମ ପାଇବାକୁ ସୁଭାଜନ ଅଟ। ତୁମ୍ଭେ ସମସ୍ତ ସୃଷ୍ଟି କରି ଅଛ, ଆଉ ତୁମ୍ଭ ଇଛାରେ ସେହି ସବୁ ପ୍ରୀପ୍ତ ହୋଇ ସୃଷ୍ଟ ହୋଇ ଅଛ। ''(ପ୍ରକାଶିତ ୪;୧୧)

- *Kelvin L. Moore*

❋❋❋

# ପ୍ରଭୁଙ୍କ ସେବା  ପରିଚର୍ଯ୍ୟା
## (Serving The Lord)

''ହେ ଦାସମାନେ, ମନୁଷ୍ୟଙ୍କୁ ସନ୍ତୁଷ୍ଟ କଲାପରି ଦୃଷ୍ଟି ଆପଣାର କର୍ମ ନ କରି ବରଂ ପ୍ରଭୁଙ୍କୁ ଭୟ କରି ହୃଦୟର ସରଳତାରେ ସବୁ ବିଷୟରେ ତୁମ୍ଭମାନଙ୍କ ଜାଗତିକ କର୍ତ୍ତାମାନଙ୍କ ଆଜ୍ଞାବହ ହଅ । ତୁମ୍ଭେମାନେ ଯାହା କିଛି କର, ପ୍ରଭୁଙ୍କ ନିମନ୍ତେ କଲାପରି ଅନ୍ତର ସହ ତାହା କର, ମନୁଷ୍ୟ ନିମନ୍ତେ କଲା ପରି କର ନାହିଁ । ପ୍ରଭୁଙ୍କ ଠାରୁ ଉତ୍ତରାଧିକାର ସ୍ୱରୂପ ପୁରସ୍କାର ଯେ ପାଇବ, ଖ୍ରୀଷ୍ଟଙ୍କର ସେବା କର ।''
(କଲସୀ ୩: ୨ ୨ , ୨ ୩)

**ପରମେଶ୍ୱରଙ୍କ ସନ୍ତୋଷଦାୟକ ଉପାସନା**

ମନୁଷ୍ୟ ଏକ ଉପାସନା ଶୀଳୀ ଜୀବୀ । ନିଃଶ୍ୱାସ ପ୍ରଶ୍ୱାସ ଓ ଖାଦ୍ୟ ଗ୍ରହଣ କରିବା ସଦୃଶ୍ୟ ଉପାସନା କରିବା ମନୁଷ୍ୟ ମାନଙ୍କ ସ୍ୱାଭାବିକ ସ୍ୱଭାବ । ପ୍ରତ୍ୟେକ ଦେଶ କୌଣସି ନା କୌଣସି ଦେବତାର ଉପାସନା କରନ୍ତି । ଯଦିଓ ପ୍ରତ୍ୟେକେ ସତ୍ୟ ପରଶ୍ୱମେଶ୍ୱରଙ୍କ ଉପାସନା ନ କରନ୍ତି, କୌଣସି ଏକ ଦେବତାର ଉପାସନା କରନ୍ତି । ଜାଣତରେ କିଅବା ଅଜାଣତରେ ଅନେକ ପ୍ରତିମା ପୂଜା କରନ୍ତି କୌଣସି ଏକ ଦୈବିକ ଶକ୍ତିକୁ ଉପାସନା ନ କରି ମନୁଷ୍ୟ ରହି ପାରେ ନାହିଁ । ଏହି ଏକ ସ୍ୱଭାବ ମନୁଷ୍ୟ ଓ ପଶୁପକ୍ଷୀ ମଧ୍ୟରେ ପାର୍ଥକ୍ୟ ଆଣେ । ମନୁଷ୍ୟ ଯଦିଓ ଏକ ଉପାସନାଶୀଳ ଜୀବ, ସତ୍ୟ ପରମେଶ୍ୱରଙ୍କ ଉପାସନା କରିବା ଆବଶ୍ୟକ । (ମାଥିଉ ୪;୧୦ ଓ ପ୍ରକାଶିତ ବାକ୍ୟ ୧ ୯; ୧ ୦) । ସତ୍ୟ ପରମେଶ୍ୱରଙ୍କ ବିନୁ, ଅନ୍ୟ କୌଣସି ଦେବତାର ପୂଜା କରିବା ନିମନ୍ତେ ମନୁଷ୍ୟ ନିଷେଧିତ ଓ ହୋଇ ଅଛ ।, (ରୋମୀୟ ୧; ୨ ୧ – ୨ ୫ ) । ଆଜିର ଜଗତ ଅନ୍ୟ ଦେବତା , ବିନାଶର ଦେବତା ( ୨ ତୀମଥି ୩; ୪), ଧନ ସମ୍ପଦର ଦେବତା (ମାଥିଉ ୬;୨୪) ପ୍ରଭୃତି ଦେବତାମାନଙ୍କ  ଉପାସନାରେ ବ୍ୟସ୍ତ । ଆମ୍ଭେମାନେ ଯେଉଁ ଦେବତାମାନଙ୍କର ଉପାସନା କରୁ , ସେମାନଙ୍କ ସଦୃଶ୍ୟ ପରିବର୍ତ୍ତିତ ହେବା ବୋଲି ସର୍ବଦା ମନେରଖୁ । ଆମ୍ଭମାନଙ୍କଠାରୁ ନ୍ୟୁନ ବିଷୟ ଅର୍ଥାତ୍ ମନୁଷ୍ୟ ହସ୍ତଗତ ପ୍ରତିମା ମାନଙ୍କ ଉପାସନା ନ କରୁ । କିଅବା ଆମ୍ଭମାନଙ୍କ ସମତୁଲ୍ୟ ମନୁଷ୍ୟମାନଙ୍କ ଉପାସନା ନ କରୁ (ପ୍ରେରିତ ୧୦; ୨୩ – ୨୬ ) । ଆମ୍ଭମାନଙ୍କଠାରୁ ମହତ୍ତର ବ୍ୟକ୍ତି , ଅର୍ଥାତ୍ ବାଇବଲରେ ପ୍ରକଟିତ ପରମେଶ୍ୱରଙ୍କ ଉପାସନା କରୁ । (ପ୍ରକାଶିତ ୧ ୯ ;୮ – ୧ ୦ ) । ସତ୍ୟ ପରମେଶ୍ୱରଙ୍କୁ କିପରି ସନ୍ତୋଷଦୟକ ଉପାସନାର ପଦ୍ଧତି, ପଦିଏ ବାକ୍ୟ ବିଶ୍ଳେଷଣରୁ ଜାଣିପାରିବା ।

*- David Macy*

## ଉପାସନାର ସଜ୍ଞା

ଉପାସନାର ସଜ୍ଞା ନିରୂପଣ କରିବା ସହଜ ବିଷୟ ନୁହେଁ । ପ୍ରସିଦ୍ଧ ବିଶେଷଜ୍ଞ କହନ୍ତି, ଉପାସନାର ଅର୍ଥ, ଏକ ଦୈନିକ ଶକ୍ତିକୁ ଗୌରବାନ୍ୱିତ କରିବା '' । ଅନ୍ୟ ଏକ ବିଶେଷଜ୍ଞ କହନ୍ତି, ମନୁଷ୍ୟର ଆତ୍ମା, ଦୈବିକ ଆତ୍ମାକୁ ସମ୍ମାନ୍ୱିତ କରିବା ।'' କିଂତୁ ଉପାସନା ବିଷୟରେ ଈଶ୍ୱରଙ୍କ ବାକ୍ୟରେ କଅଣ ଲେଖାଯାଏ । ଗୀତ ରଚକ କହନ୍ତି, ''ଆହେ, ଆସ, ଉବୁଡ ହୋଇ ପ୍ରଣାମ କରୁ , ଆମ୍ଭମାନଙ୍କ ସୃଷ୍ଟି କର୍ତ୍ତା ସଦାପ୍ରଭୁଙ୍କର ଛାମୁରେ ଆଣ୍ଠୁପାତୁ .....''( ଗୀତ ୯୫ ; ୬) । ଉପାସନା କେବଳ ଶାରିରୀକ ଭଙ୍ଗୀ ନୁହେଁ, କିନ୍ତୁ ମନୁଷ୍ୟର ଆତ୍ମା ପରମେଶ୍ୱରଙ୍କ ଆତ୍ମା ସହିତ ମିଳିତ ହେବା । ତାହାଙ୍କ ବିଷୟରେ ଜ୍ଞାତ ହୋଇ, ସେ ଆମ୍ଭମାନଙ୍କ ନିମନ୍ତେ କଅଣ କରି ଅଛନ୍ତି ବୁଝି ତାହାଙ୍କଠାରେ ନତମସ୍ତକ ହେଉ । ସେ ଆମ୍ଭମାନଙ୍କର ସୃଷ୍ଟିକର୍ତ୍ତା, ପାଳନ କର୍ତ୍ତା, ରକ୍ଷାକର୍ତ୍ତା । ତାହାଙ୍କଠାରେ ଆମ୍ଭମାନଙ୍କର ଅସ୍ତି, ଗତି ଓ ସ୍ଥିତି । (ପ୍ରେରିତ ୧୭;୨୮) । ଆମ୍ଭେମାନେ ପାପ ହେତୁ ତାହାଙ୍କଠାରୁ ଦୂରେଇ ଗଲେ ବି, ସେ ଆମ୍ଭମାନଙ୍କୁ ତ୍ୟାଗ କରି ନାହାନ୍ତି ।

### ଗ୍ରାହ୍ୟ ଯୋଗ୍ୟ, ଉପାସନାର ସ୍ୱସି :

ଯୀଶୁଖ୍ରୀଷ୍ଟ ଉପାସନା ବିଷୟରେ, ଶମିରୋଣୀୟ ସ୍ତ୍ରୀକୁ କହିଥିଲେ 'ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ ।''(ଯୋହନ୪; ୨୪) । ଗ୍ରାହ୍ୟ ଯୋଗ୍ୟ ଉପାସନାରେ ଦୁଇଟି ବିଷୟ ଆବଶ୍ୟକ । (A) ଆତ୍ମାରେ (B) ସତ୍ୟରେ । ଆତ୍ମାରେ ଅର୍ଥ ପୂର୍ଣ୍ଣ ହୃଦୟରେ । ଏଠାରେ ପ୍ରଭୁଯୀଶୁ ମୋଶାଙ୍କ ଯୁଗର ଉପାସନା ଓ ଖ୍ରୀଷ୍ଟିୟାନ ଯୁଗର ଉପାସନାର ପାର୍ଥକ୍ୟ ବୁଝାଇ ଅଛନ୍ତି । ମୋଶାଙ୍କ ଯୁଗରେ ଉପାସନା ପାର୍ଥୀବ ବସ୍ତୁ ସହିତ କରାଯାଉଥିଲା, କିଂତୁ ନୂତନ ନିୟମର ଉପାସନା ଆତ୍ମିକ । ଏହି ଖ୍ରୀଷ୍ଟିୟାନ ଯୁଗରେ ପୂର୍ଣ୍ଣ ଆତ୍ମା , ସହ କରାଯାଇଥିବା ଉପାସନା ସଦାପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ । ପ୍ରେରିତ ପାଉଲ , କିନ୍ତୁ ଯଦ୍ଦ୍ୱାରା ଆମ୍ଭେମାନେ ଆବଦ୍ଧ ଥିଲୁ , ସେଥିପ୍ରତି ମୃତ ହୋଇ ଆମ୍ଭେମାନେ ଏବେ ବ୍ୟବସ୍ଥାରୁ ମୁକ୍ତ ହୋଇ ଅଛୁ , ଏଣୁ ଆମ୍ଭେମାନେ ଆକ୍ଷରିକ ପୁରାତନ ଭାବରେ ଦାସ୍ୟକର୍ମ ନ କରି, ଆତ୍ମାର ନୂତନ ଭାବରେ ଦାସ୍ୟକର୍ମ କରୁଅଛୁ ।'' (ରୋମୀୟ ୭;୬ ) । ଏଠାରେ ଆକ୍ଷରିକ ''ପୁରାତନ ଓ ଆତ୍ମାର ନୂତନ ଭାବ '',

ଏହି ପଦରୁ ପୁରାତନ ଓ ନୂତନ ନିୟମ ଆରାଧନା ବିଷୟରେ ବୁଝି ପାରୁ । ଖ୍ରୀଷ୍ଟଙ୍କ ନୂତନ ନିୟମରେ ଉପାସନାର ସେବା କାର୍ଯ୍ୟ ପାର୍ଥିବ ନୁହେଁ । ବରଂ ଆତ୍ମିକ । ସତ୍ୟରେ ଉପାସନା କରିବାର ଅର୍ଥ ତାହାଙ୍କ ବାକ୍ୟକୁ – ଯାହା, ଆପଣା ଶିଷ୍ୟମାନଙ୍କ ନିମନ୍ତେ ଯୀଶୁଖ୍ରୀଷ୍ଟ ପ୍ରାର୍ଥନା କରିଥିଲେ, ''ପିତା , ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ ।'' (ଯୋହନ ୧÷୧୭ ) । ସେ ଯେପରି ଆଜ୍ଞା କରିଅଛନ୍ତି , ସେପରି ଭାବେ ତାହାଙ୍କ ଉପାସନା କରୁ । ଏତଦ୍ ବ୍ୟତିତ ଅନ୍ୟ ଉପାସନା ବ୍ୟର୍ଥ ଉପାସନା । (ମାଥିଉ ୧୫: ୯)

**ଉପାସନାରେ କାହାକୁ ତୁଷ୍ଟ କରିବା ଆବଶ୍ୟକ:**

ଆମ୍ଭମାନଙ୍କ ଉପାସନା ତାହାଙ୍କ ଦୃଷ୍ଟିରେ ତୁଷ୍ଟ ଜନକ ହେଉ , ଆମ୍ଭମାନଙ୍କ ସନ୍ତୃପ୍ତି ନିମନ୍ତେ ନୁହେଁ । ପୁରାତନ ନିୟମରେ ଉପାସନାରେ ବିଫଳ ହେବା ବ୍ୟକ୍ତିମାନଙ୍କ ଅନେକ ଉଦାହରଣ ଲିଖିତ ହୋଇ ଅଛି । କୟିନ (ଆଦି ୪ପର୍ବ ), ନାଦବ ଓ ଅବିହୂ (ଲେବୀ ୧୦ମ ପର୍ବ ), ରାଜା ଶାଉଲ (୧ମ ଶାମୁୟେଲ ୧୫ ), ସେମାନଙ୍କ ମଧ୍ୟରୁ ଅନ୍ୟତମ । ସେମାନେ ଆପଣା ସନ୍ତୃପ୍ତି ନିମନ୍ତେ ଉପାସନା କରିଥିଲେ । ଏପରି ବ୍ୟକ୍ତିମାନଙ୍କ ଉପାସନା ବ୍ୟର୍ଥ ଉପାସନା । (ମାଥିଉ ୧୫; ୯୦) ଆପଣା ଉପାସନା ବିଭିନ୍ନ ପ୍ରଥା ଜଡିତ କରିବା ଦ୍ୱାରା ସେମାନେ ଆପଣାଙ୍କୁ ଆପେ ସନ୍ତୁଷ୍ଟ କରନ୍ତି, ଧୂପ ଜଳାଇବା , ମରିୟମଙ୍କ ଉପାସନା କରିବା, ଯାନ୍ତ୍ରିକ ବାଦ୍ୟ ସଙ୍ଗୀତ, ପ୍ରତି ରବିବାର ପ୍ରଭୁଭୋଜ ପାଳନ ନ କରିବା ପ୍ରଭୃତି ମନୁଷ୍ୟ ଉପାସନାରେ ଜଡିତ ପଦ୍ଧତି । ଏହି ସବୁ ଉପାସନାରେ ଜଡିତ କରି, ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରାଯାଏ, ସଦା ପ୍ରଭୁଙ୍କୁ ନୁହେଁ । ଯଦି ଆମ୍ଭେମାନେ ତାହାଙ୍କ ବାକ୍ୟାନୁଯାୟୀ ଉପାସନା ନ କରୁ, ଆମ୍ଭମାନଙ୍କ ଉପାସନା ବ୍ୟର୍ଥ । (କଲସୀ ୩;୧୭;୧ ଶାମୁୟେଲ ୧୫; ୨୨ ମାଥିଉ ୧୫;୯)

***- W. Doughlass Harris***

# Why Instrumental Music In the Worship Service Is Wrong

**Introduction**

Many today say that there is nothing wrong with instrumental music being used in our worship services. the Bible does not support this type of doctrinal teaching.

## I. A Brief History of Instrumental Music

1. First introduced in 666-670 A.D by Pope Vitilian
2. First use in the Lord's Church was in the 1850's
   - Midway Kentucky Church of Christ
   - L.L. Pinkerton introduced a melodeon
3. First used in a gospel meeting in 1894
   - Thorp Spring Texas at Ad-Ran College
4. Notice that not ONE example comes from the N.T.!

## II. Why Instrumental Music in The Worship Service is Wrong

1. It can not be supported by CENI in scripture
   -No **command,** example, necessary inference
2. It is not of faith, therefore it is sin
   **Roman 14:23**
3. It is going beyond that which is written
   **1Corinthians 4:6**
4. It is a failure to "abide in the doctrine of christ"
   **2 John 1:9**
5. It violates the command to sing by using an addition
   **Ephesians 5:19**
   **Colossians 3:16**
6. It is done by those who reject the authority of Christ
   **Luke 6:46**
7. It cannot be done "in the name" (authority) of Christ
   **Colossaians 3:17**

Write for free BIble Correspondence course

in

*Telugu* & Oriya to:

**The Director**

Bible Correspondence course

P.O.Box. 80,KAKINADA -533 001.A.P

***Printed Book Only***

From :

SATYAVAKKU
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004